**ଭାରତୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ–କେନ୍ଦ୍ରିୟ କପା ଗବେଷଣା କେନ୍ଦ୍ର**

**କପା ଚାଷ ପାଇ ସାପ୍ତାହିକ କୃଷି ସୂଚନା– 17 ରୁ 23 ଅଗଷ୍ଟ, 2015**

**"ଏହି କୃଷି ବାର୍ତା ବିଭିନ୍ନ ରାଜ୍ୟ ରେ ଥିବା କୃଷି ବିଶ୍ୱ ବିଦ୍ୟାଳୟ ଗୁଡିକ ରୁ ମିଳିଥିବା ସୁଚନା ଉପରେ ଆଧାରିତ"**

| ରାଜ୍ୟ/ଜିଲ୍ଲା | ବର୍ଷା (ମି.ମି) | | | | | | | ସୁଚନା |
|---|---|---|---|---|---|---|---|---|
| ତାରିଖ | 17/08 | 18/08 | 19/08 | 20/08 | 21/08 | 22/08 | 23/08 | ଆଗାମୀ ସପ୍ତାହରେ ଅତ୍ୟଧିକ ବର୍ଷା ହେବାର ସମ୍ଭାବନା ରହିଛି. ବର୍ତ୍ତମାନ କପା ଫସଲ କଢ ଧରିବା ଅବସ୍ଥାରେ. କପା ଫସଲରେ ବିଭିନ୍ନ ଶୋଷକ ପୋକ ଯଥା ପତ୍ରଡିଆ ପୋକ,ଜୌ ପୋକ, ଘୋଡା ପୋକ ଇତ୍ୟାଦି ର ପ୍ରଦୁର୍ଭାବ ଦେଖା ଦେଲେ ହେ ଆର୍ଥିକ ଦେହଲୀ ସୀମା ଅତିକ୍ରମ କରିନାହି.ଏହି ସମୟରେ ଚାଷୀ ମାନେ ଘାସ ବାଛିବା, ଦ୍ୱିତୀୟ ଶିର୍ଷସାର ଓ ହୁଡା ଟେକା କାର୍ଯ୍ୟ ସାରନ୍ତୁ.ଜମିରେ ଅତ୍ୟଧିକ ପାଣି ଜମି ରହିଲେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ.ଶୋଷକ ପୋକର ନିୟନ୍ତ୍ରଣ ପାଇ ନିମ୍ବତେଲକୁ 3 ମି.ଲି. ହିସାବରେ 1 ଲିଟର ପାଣିରେ ମିଶାଇ ସୁଖିଲା ପାଗ ଦେଖି ସିନ୍‌ଚନ କରନ୍ତୁ. ଫୁଲ ଓ କଢ ନ ଝଡିବା ପାଇ 3.5 ମି.ଲି. ପ୍ଲାନୋଫିକ୍ସ ଔଷଧକୁ 15 ଲିଟର ପାଣିରେ ମିଶାଇ ସିନ୍‌ଚନ କରନ୍ତୁ. |
| କୋରାପୁଟ | 44 | 40 | 15 | 25 | 24 | 22 | 19 | |
| କଲାହାଣ୍ଡି | 24 | 16 | 8 | 8 | 6 | 5 | 15 | |
| ବଲାଙ୍ଗିର | 13 | 9 | 4 | 4 | 6 | 0 | 3 | |

| ବର୍ଷା | <5 | 5-20 | 20-50 | 50-80 | >80 |
|---|---|---|---|---|---|
| | | | | | |

**Sd/-**

(B.S.Nayak)
Asst. Agronomist
AICCIP, Bhawanipatna
Mob- 09437321675
e.mail:bsnayak2007@rediffmail.com

Dt.20.08.2015

# ସି. ଆଇ. ସି. ଆର. ଦ୍ୱାର ପ୍ରବନ୍ଧିତ ବିଶେଷ ସୂଚନା.

(କେ.ଆର. କ୍ରାନ୍ତି.ଦ୍ୱାର ଲିଖିତ:ଏହି ପ୍ରକାଶନ ର କୌଣଶି ଭାଗ ଏଲେକ୍ଟ୍ରୋନିକ୍ସ କିମ୍ବା ପ୍ରିଣ୍ଟ ବା ଅନ୍ୟ କୌଣଶି ଉପାୟରେ ଲେଖକଙ୍କ ବିନା ଆନୁମତି ରେ ବ୍ୟବହାର କରା ଯାଇ ପାରିବ ନାହି)

ଏହି ସନ୍ନିପ୍ତ ବିବରଣୀ ସି.ଆଇ.ସି.ଆର ର ଗବେଷଣା ର ଫଳସ୍ୱରୁପ ବିଭିନ୍ନ ରାଷ୍ଟ୍ରିୟ ଓ ଗବେଶଣା ଶନସ୍ଥା ଦ୍ୱାର ବିକଶିତ ପରିସ୍ଥିତି ର ଅନୁରୁପ ଦିଶା ନିର୍ଧାରଣ ଉପରେ ଅଧାରିତ.

## କପା ଫସଲ ସମ୍ବନ୍ଧୀୟ କେତେକ ସୂଚନା :

୧. ଶୀଘ୍ର ଅମଲ ହେଉଥିବ କିସମ ବା ଶନ୍କର ଜାତୀୟ ବି.ଟି କିସମ କୁ ବର୍ଷା ପୃଷ୍ଟ ଅନ୍‌ଚଲ ରେ ପ୍ରାଥମିକତା ଦିଆଯାଉଛି.

୨. ପ୍ରଥମ ବର୍ଷା (୮୦ ମି.ମି.) ର ତୁରନ୍ତ ପରେ ବୁଣିବା କାର୍ଯ୍ୟକୁ ବର୍ଷା ପୃଷ୍ଟ ଅନ୍‌ଚଲ ରେ ପ୍ରାଥମିକତା ଦିଆଯାଉଛି.

୩. ବର୍ଷା ପୃଷ୍ଟ ଆନ୍‌ଚଲ ରେ ସଘନ କପା ଚାଷ ପଦ୍ଧତି କୁ ବିଶେଷ ଗୁରୁତ୍ୱ ଦିଆଯାଉଛି.

୪. ଜଳସେଚନ ର ବ୍ୟବସ୍ଥା ଥିଲେ ଶନ୍କର ଜାତୀୟ ବି. ଟି କପା କିସମ କୁ ୯୦ * ୬୦ ସେ.ମି ଦୁରତାରେ ଲଗାନ୍ତୁ.

୫. ଅଣ ବି.ଟି କିସମ ଯଥା (ସି.ଆଇ.ସି.ଆର) ଏନ.ଏଚ ୬୧୫ (ଭି.ଏନ–ଏମ.ଏ.ୟୁ ପର୍ଭାନି), ଏ.କେ.ଏଚ ୦୮୧ (ଡ଼୍.ପିଦିକେରି ଅକୋଲା), ଫୁଲେ ଧନ୍ୱନ୍ତରି (ଏମ୍.କେଭି ରହୁରି) ଓ ଅନ୍ନଲି ହେଉଛି ଶିଘ୍ର ଅମଲ ହେଉଥିବା କିସମ, ଯଦି ଏହି କିସମକୁ ଜୁନ ୧୫ ଆଗରୁ ସଘନ କପା ଚାଷ ପ୍ରଣାଳି ରେ ୬୦ * ୧୦ ସେ.ମି.(୪୦ * ୧୦ ସେ.ମି.ଫୁଲେବ ଧନ୍ୱନ୍ତରି) ବ୍ୟବଧାନରେ ବୁଣା ଯାଏ ତା ହେଲେ କପା ଫସଲରେ ଫଳ ବିନ୍ଧା ପୋକର ପ୍ରଦ୍ୟୁର୍ଭାବ କମିଯିବ.

୬. ସଘନ ଚାଷ ପ୍ରଣାଲୀ ରେ ଅଣ ବି.ଟି.କପା ମଝିରେ ଅନ୍ତଫସଲ ଯଥା ସୋୟାବିନ (ରାଇଜୋବିୟମ୍ ଉପଚାରିତ ବିହନ) ଝୁଡଙ୍ଗ, ବିରିକୁ ୪୫ * ୧୦ ସେ.ମି ବ୍ୟବଧାନ ରେ ଲଗାଯାଇ ପାରିବ.

୭. ଅଣ ବି.ଟି କିସମରେ ଅନ୍ତ ଫସଲ ଭାବରେ ସୋୟାବିନ (ରାଇଜୋବିୟମ୍ ଉପଚାରିତ ବିହନ) ଝୁଡଙ୍ଗ, ବିରି କୁ ଦୁଇ ଧାଡି ବ୍ୟବଧାନରେ ସନ୍କର ବି.ଟି ସାନ୍ଟରେ ଲଗାଯାଇ ପାରିବ.

୮. କପା ଜମିର ସିମାନ୍ତର ରେ ହରଡ (୨ ରୁ ୩ ଧାଡି) ଲଗାଇବ ଦ୍ୱାରା ଦହିୟା ପୋକ କୁ ନିୟନ୍ତ୍ରଣ କରାଯାଇ ପାରିବ.

୯. ପ୍ରଥମ ବର୍ଷା ପରେ ଗୋବରଖତ କୁ ୫ ରୁ ୧୦ ଟନ ପ୍ରତି ହେକ୍ଟର ଜମିରେ ପ୍ରୟୋଗ କରାଯିବା ଦରକାର.

୧୦. ପୋଶକ ତତ୍ତ୍ୱର ବିବନ୍ଧନ ପାଇ ଫସଫେଟ ସଲ୍ୟୁବିଲାଇଜିଙ୍ଗ ବ୍ୟାକ୍ଟେରିଆ ଓ ଏଜୋଟୋବେକ୍ଟର ୨୫ ଗ୍ରାମ ପ୍ରତି କି.ଗ୍ରା. ପ୍ରୟୋଗ କରନ୍ତୁ.

୧୧. କ୍ରାଏ ଏ ୧ ପ୍ରୋଟିନ ର ଉଚିତ ପରିଲଖ୍ୟନ ଓ ପତ୍ର ପୋଡା ରୋଗର ନିୟନ୍ତ୍ରଣ ପାଇ ୧% କୋବଲ୍ଟ କ୍ଲୋରାଇଡ କୁ ସିନ୍‌ଚନ କରନ୍ତୁ ଅଣୁ ସାର ମ୍ୟାଗ୍ନେସିୟମ୍ ସଲଫେଟ, ୨% ୟୁରିୟା ଓ ୨% ଡି.ଏ.ପି. ପ୍ରୟୋଗ କରନ୍ତୁ, ଯାହା ଦ୍ୱାର ପତ୍ର ପୋଡା ରୋଗର ନିୟନ୍ତ୍ରଣ କରା ଯାଇପାରିବ.

୧୨. କପା ବୁଣିବାର ୯୦ ଦିନ ପରେ ପତ୍ର ପୋଡା ରୋଗ ର ନିୟନ୍ତ୍ରଣ ପାଇ ୨% ୟୁରିଆ, ୦.୫% ଜିନ୍କସଲଫଟ ଓ ୦.୨% ବୋରନ କୁ ୧୫ ଦିନ ବ୍ୟବଧାନ ରେ ଦୁଇ ଥର ସିନ୍‌ଚନ କରନ୍ତୁ

୧୩. କଢ ଓ ଫୁଲ ନ ଝଡିବା ପାଇ ପ୍ଲାନୋଫିକ୍ସ ୪.୫ ଏସଏଲ (ଏନ.ଏ.ଏ) ହର୍ମୋନେ କୁ ୨୧ ପି.ପି.ଏମ (୭ ଏମ.ଏଲ ପ୍ରତି ୧୫ ଲିଟର ପାଣି) ରେ ମିଶାଇ ସିନ୍‌ଚନ କରନ୍ତୁ.

## ରୋଗ ପୋକ ନିୟନ୍ତ୍ରଣ:

### ସମାନ୍ୟ ତଥ୍ୟ:

**କଣ କରିବେ:**

୧. ଶୋଷକ ପୋକ ପ୍ରତିରୋଧକ କିସମ ବା ଶଙ୍କର ଜାତୀୟ ବିହନ ଚୟନ କରନ୍ତୁ ଯାହ ଦ୍ଵାରା କିଟନାଶକ ର ପ୍ରୟୋଗ କମିଯିବ.

୨. କପା ଫସଲ ସହିତ ଅନ୍ତ ଫସଲ ଯଥା ସୋୟାବିନ, ଝୁଡଙ୍ଗ ଓ ବିରି ଲଗାଇବା ଦ୍ଵାରା ବିଭିନ୍ନ ପ୍ରକାର ନିୟନ୍ତ୍ରଣ କରଯାଇ ପାରିବ.

୩. ଶୋଷକ ପୋକ ର ନିୟନ୍ତ୍ରଣ ପାଇ ଇମିଡାକ୍ଲୋପ୍ରିଡ (୮ ଗ୍ରାମ), ଭିଟଭେକ୍ସ କିମ୍ବା ଥିରମ (୩ ଗ୍ରାମ) ପ୍ରତି କି.ଗ୍ରା. ପ୍ରୟୋଗ କରନ୍ତୁ.

୪. ଶୋଷକ ପୋକ କୁ ନିୟନ୍ତ୍ରଣ କରିବା ପାଇ ବିଶେଷ ଭାବରେ କମ ଜଵଖାରଯାନ ବିଶିଷ୍ଟ ସ୍ପ୍ରେୟାର ପ୍ରୋୟୋଗ କରିବା ଅବଶ୍ୟକ.

୫. ଜମିକୁ ସମ୍ପୂର୍ଣ୍ଣ ଭାବରେ ଘାସ ମୁକ୍ତ କରିବା ଆବଶ୍ୟକ.

୬. ଦହିଆ ପୋକ ଆକ୍ରାନ୍ତ ହୋଇଥିବା ଗଛ କୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଅନ୍ତୁ.

୭. କମ ବିଘଟନକାରି ପୋକ ର ନିୟନ୍ତ୍ରଣ ପାଇ ନିମ୍ବ ଯୁକ୍ତ କୀଟନାଶକ କିମ୍ବା ଜୈବ କୀଟନାଶକ ବ୍ୟବହାର କରନ୍ତୁ.

୮. ପାଟଳ ବକରା ବିନ୍ଧା ପୋକ ର ନିୟନ୍ତ୍ରଣ ପାଇ ଫେରୋମୋନ ଯନ୍ତ୍ର ବ୍ୟବହାର କରନ୍ତୁ.

୯. ପତ୍ରଉକୁଣି, ଦହିଆ ପୋକ ଓ ଅନ୍ନ୍ୟାନ୍ୟ ଶୋଷକ ପୋକ ର ନିୟନ୍ତ୍ରଣ ପାଇ ଇମିଡକ୍ଲୋପ୍ରିଡ, ଡାଇମିଥୋଏଡ କିମ୍ବା ଏସିଫେଟ କୁ ଫସଲ ବୁଣିବାର ୪୦ ରୁ ୫୦ ଦିନ ଓ ୫୦ ରୁ ୬୦ ଦିନ ମଧରେ ମାଟିରେ କିମ୍ବା ଗଛମୁଳରେ ପ୍ରୟୋଗ କରନ୍ତୁ.

**କଣ କରିବେ ନାହି :**

୧୦. କପାର ପତ୍ରମୋଡା ଭୁତାଣୁ ପ୍ରାଦୁର୍ଯ୍ଭାବ ରୁ ଫସଲକୁ, ଉତ୍ତର ଭାରତ ରେ ଡେରି ରେ (ମଇ ୧୫) ପରେ କପା ବୁଣିବା ଦ୍ଵାରା ଫସଲ ଅତ୍ୟଧିକ ପରିମାଣ ରେ ନଷ୍ଟ ହୁଏ.

୧୧. ଫସଲ ବୁଣିବାର ଦୁଇ ମାସ ପର୍ଯ୍ୟନ୍ତ କୌଣସି ରସାୟନିକ କିଟନାଶକ ପ୍ରୋୟୋଗ କରନ୍ତୁ ନାହି

୧୨. ଲେପିଡୋପ୍ଟେରେନ କୀଟ ଯଥା ପତ୍ରମୋଡା ପୋକ, ଘୋଡା ପୋକ, ସୈଲେପ୍ଟା ଡେରୋଗାଟା, ଏନୋମିସ ଫ୍ଲାରା ପାଇ କୌଣଶି କିଟନାଶକ ପ୍ରୟୋଗ କରନ୍ତୁ ନାହି

୧୩. ବି.ଟି କପା ରେ ବି.ଟି ଔଷଧ ଯଥା (ବି.ଟି. କେ କିମ୍ବା ଏନ.ପି.ଭି) ପ୍ରୋୟୋଗ କରନ୍ତୁ ନାହି.

୧୪. ଶଙ୍କର ଜାତୀୟ ବିହନ ରେ ନିକୋଟିନୋଏଡ  କୀଟନାଶକ ଯଥା ଏସିଟମିପ୍ରିଡ, ଇମିଡାକ୍ଲୋପ୍ରିଡ, ଥାୟୋମିଥୋକ୍ସାମ ଆଦି ପତ୍ର ଶିନ୍‌ଚନ କରନ୍ତୁ ନାହି.

୧୫. ଡବ୍ଲୁ.ଏଚ.ଓ କ୍ଲାସ ୧ କିଟନାଶକ ପ୍ରୟୋଗ କରନ୍ତୁ ନାହି ଯଥା ଫୋସ୍ଫାମିଡୋନ, ମିଥାଇଲପାରାଥାଇଅନ, ଫୋରଟ, ମୋନୋକ୍ରୋଟୋଫସ, ଡାଇକ୍ଲୋର୍ଭସ, ଚର୍ବଫୁରୋନ, ଟ୍ରାଇଜାଫସ, ମେଥୋମାଇଲ ଯାହ କି ଫସଲ ପ୍ରତି ହାନକାରକ ଅଟେ.

୧୬. ଧଳାମାଛି ର ପ୍ରଦୁର୍ଯ୍ଭବା ରୋକିବ ପାଇ ଫିପ୍ରୋନିଲ କିମ୍ବା ପାୟିରିଥାଏଡ ଉପୟୋଗ କରନ୍ତୁ ନାହି.

୧୭. ମିଶ୍ର କିଟନାଶକ ପ୍ରୟୋଗ କରନ୍ତୁ ନାହି.

## ଶୋଷକ ପୋକର ପରିଚାଳନା :

**ଆର୍ଥିକ ଦେହୀଲ ସୀମା:** ଯଦି ଶୋଷକ ପୋକ କିମ୍ବା ଧଳାମାଛି ଆର୍ଥିକ ଦେହୀଲ ସୀମା ଅତିକ୍ରମ କରେ ଯାହା ଦ୍ଵାରା ତଳ ପତ୍ର ଗୁଡିକ ମୋଡିହେବା କିମ୍ବା ପତ୍ର ଅଗ୍ରଭାଗ ହଳଦିଆ ପଡିବା ଆଦି ୨୫% ରୁ ଅଧିକ ଗଛରେ ଦେଖାଯାଏ ତା ହେଲେ ନିମ୍ନ ଲିଖିତ ଉପାୟ ଅବଲମ୍ବନ କରନ୍ତୁ:

୧. ନିମ୍ବ ତେଲ ୧%+ ନିମ୍ବ ଭିତ୍ତିକ ଔଷଧ ୫.୦% + ସାବୁନ ଗୁଣ୍ଡ ୦.୫ ରୁ ୧.୦ %

୨. ଭର୍ଟିସିଲିୟମ ଲେକାନି ୧୦ ଗ୍ରାମ ପ୍ରତି ଲିଟର, ବିଶ୍ଵସନୀୟ ନିର୍ମାତା ରୁ କିଣନ୍ତୁ.

୩. ଡାଇଫେନ୍ଥିୟୁରୋନ ୫୦ ଡବ୍ଲୁ.ପି ୮୦୦ ଗ୍ରାମ/ହେକ୍ଟର

୪. ଫ୍ଲୋନିକାମିଡ ଡବ୍ଲୁ.ଜି ୨୦୦ ଗ୍ରାମ ଏ.ଆଇ/ହେକ୍ଟର

୫. ବ୍ୟୁପ୍ରୋଫେଜିନ ୨୫% ଏସ.ସି ୨୦୦ ଗ୍ରାମ, ଏ.ଆଇ/ହେକ୍ଟର

ପରିବେଶ ସୁରଖା ,ପରିସ୍ଥିତି ର ପ୍ରବାଭ ଓ ପ୍ରତିରୋଧ ସମ୍ବନ୍ଧୀୟକାରଣ କୁ ଧାନ ରେ ରଖି କେତେକ କିଟନାଶକ ଯଥା ଡାଇମେଥୋଏଟ କିମ୍ବା ଏସିଫେଟ କିମ୍ବା ଇଥିଓନ ମଧ ବ୍ୟବହାର କରା ଯାଇପାରିବ.

## ବକରା ବିନ୍ଧା ପୋକର ପରିଚାଳନା:

ବି.ଟି. କପା ବକରା ବିନ୍ଧା ପୋକକୁ ନିୟନ୍ତ୍ରଣ କରେ.

### ଅଣ ବି.ଟି କପା କିସମରେ ବକରା ବିନ୍ଧା ପୋକର ପରିଚାଳନା ନିମନ୍ତେ କେତେକ ସୁଚନା:

ଅଣ ବି.ଟି କପା କିସମରେ ଯଦି ଆମେରିକୀୟବକରା ବିନ୍ଧା ପୋକ ଆର୍ଥିକ ଦେହଳୀ ସୀମା ଅତିକ୍ରମ କରେ ତା ହେଲେ ନିମ୍ନ ଲିଖିତ କେତୋଟି ଉପାୟଅବଲମ୍ବନ କରନ୍ତୁ:

୧. ଅଣ ବି.ଟି କପା କିସମ ରେ ଏଚଏନପିଭି (ହେଲିକୋଭର୍ପା ଆର୍ମିଜେରା ନ୍ୟୁକ୍ଲିୟର ପଲିହେଡ୍ରୋସିସ ଭାଇରସ)ପ୍ରୟୋଗ କରନ୍ତୁ ଓ ଏକ ସପ୍ତାହ ଅନ୍ତରରେ ନିମ୍ବଭିତ୍ତିକ ଔଷଧ କୁ ପ୍ରୟୋଗ କରନ୍ତୁ, ବକରବିନ୍ଧା ପୋକ, ଧଳାମାଛି ଓ ପତ୍ର ଖିଆ ଲେଡା ପୋକ ଯଦି ଆର୍ଥିକ ଦେହୀଳ ସୀମା ଅତିକ୍ରମ କରେ ତା ହେଲେ ଫୋସଲେନ ନାମକ କିଟନାଶକ ବ୍ୟବହାର କରନ୍ତୁ

୨. କପା ବୁଣିବାର ୬୦ ରୁ ୮୦ ଦିନ ପରେ ଯଦି ବକରବିନ୍ଧା ପୋକ ଦେଖାଯାଏ ତା ହେଲେ ଟ୍ରାଇକୋଗ୍ରାମ ପ୍ରୟୋଗ କରନ୍ତୁ

୩. ଆମେରିକୀୟବକରା ବିନ୍ଧା ପୋକ ପାଇ ନିମ୍ନଲିଖିତ କେତୋଟି କିଟନାଶକ:

କ) କ୍ଲୋରନଟ୍ରାନିଲିପ୍ରୋଲ

ଖ) ଫ୍ଲୁବେନ୍ଡିଅମାଇଡ

ଗ) ସ୍ପିନୋସେଡ

ଘ) ଇମମେକ୍ଟିନ ବେନଜୋଏଟ ଓ

ଡ) ଇନଡୋକ୍ସାକାର୍ବ

ଏହି କିଟନାଶକ କେବଳ ବକରବିନ୍ଧା ପୋକ ପାଇ ଅତ୍ୟନ୍ତ ବିଷାକ୍ତ ,ଏହା କପା ର ଉପକାରି କୀଟ ଉପରେ ବିଶେଷ ପ୍ରଭାବ ପକାଏ ନାହି. ଏହି କିଟନାଶକ ଅପକାରି କୀଟ ଗୁଡିକ ରେ କୀଟନାଶକ ସହନଶିଳତା ବୃଦ୍ଧି କରି ପାରିବ ନାହି.

୪. **ପାଟଳ ବକରା ବିନ୍ଧା ପୋକ ଓ ଚିତ୍ରିତ ବକରା ବିନ୍ଧା ପୋକ:** ଏହି ବକରା ବିନ୍ଧା ପୋକର ର ଆର୍ଥିକ ଦେହୀଳ ସୀମା (ଗୋଟିଏ ଜୀବନ୍ତ ଶୁକ ପ୍ରତି ୧୦ ଟି ସବୁଜ ବକରା ନଚେତ ପ୍ରତି ରାତି ରେ୪ ଟି ପ୍ରଜାପତି ସମନ୍ୱୟ୩ ଟି ରାତି) ଅତିକ୍ରମ କଲେ କ୍ୱିନାଲଫୋସ ୨୫ ଇ.ସି ପ୍ରୋଫେନୋଫସ ୫୦ ଇ.ସି (୨ ମି.ଲି. ପ୍ରତି ୧ ଲିଟର ପାଣିରେ) କିମ୍ବା ଥାୟୋଡିକାର୍ବ ୭୫ ଡବ୍ଲୁ.ପି (୨୦ ଗ୍ରାମ) କିମ୍ବା ଅନ୍ୟ ପାଯ଼ିରିଥ୍ରାଏଡ ପ୍ରୟୋଗ କରନ୍ତୁ.

## କପା ଫସଲର ଅନ୍ନ୍ୟାନ୍ୟ ପୋକ ର ପରିଚାଳନା :

### ପତ୍ର ଖିଆ ଲେଡା ପୋକ:

. ପତ୍ର ଖିଆ ଲେଡା ପୋକ ର ନିୟନ୍ତ୍ରଣ ପାଇ ଅଣ୍ଡା ଗୁଡିକ ସଂଗ୍ରହ କରି ନଷ୍ଟ କରନ୍ତୁ କିମ୍ବା ଏସ.ଏଲ.ଏନ.ପି.ଭି (ସ୍ପୋଡୋପ୍ଟେରା ଲିଟ୍ୟୁରା ନ୍ୟୁକ୍ଲିୟର ପଲିହେଡ୍ରୋସିସ ଭାଇରସ) ଏକର ପ୍ରତି ୨୦୦ ଏଲ.ଇ କିମ୍ବା ୨୦୦ ମି.ଲି. ଲୋଭାଲ୍ୟୁରନ ୧୦ ଇ.ସି କିମ୍ବା ୨୫୦ ଗ୍ରାମ ଥାୟୋଡିକାର୍ବ ୭୫ ଡବ୍ଲୁ.ପି କୁ ଏକର ପ୍ରତି ୨୫୦ ଲିଟର ପାଣିରେ ମିସାଇ ପ୍ରୟୋଗ କରନ୍ତୁ

. କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇ ଏକ ଲିଟର ପାଣିରେ ୨ ମି.ଲି ପ୍ରୋଫେନୋଫସାଉଷଧ କୁ ମିସାଇ ପ୍ରୟୋଗ କରନ୍ତୁ

. ବୃଷ୍ଟି ବହୁଳ ଅନ୍ଚଲରେ ଗେଣ୍ଡା ପ୍ରଭାବରୁ ରଖା ପାଇବା ପାଇ ଗଛ ଚାରି ପାଖରେ ଥିବା ମାଟିରେ ୨% ମେଟାଲଡିହାଇଡ(୧୨ କି.ଗ୍ରା. ପ୍ରତି ହେକ୍ଟର)ପ୍ରୋୟଗ କରନ୍ତୁ

## ରୋଗ ପରିଚାଳନା:

**ଝାଉଳା ରୋଗ ଓ ମୂଳ ସଢା ରୋଗ:** ସୁଖିଲା ଖେତ ରେ ଚାଷ ହେଲା ପରେ କିମ୍ବା ଜଳ ସେଚନ ପରେ ଏହି ରୋଗ ଦେଖଯାଏ.ଏହି ରୋଗ ପରିଲଖିତ ହେବା ଅଳ୍ପ ସମୟମଧରେ ହି ରୋଗାକ୍ରାନ୍ତ ଗଛରେ ପ୍ରତି ଲିଟର ପାଣିରେ ୧୦ ମି.ଲି.ଗ୍ରାମ (୧୦

ପି.ପି.ଏମ) କିମ୍ବା ୧୦ ଲିଟର ପାଣି ରେ ୨୫ ଗ୍ରାମ କପର ଅକ୍ସିକ୍ଲୋରାଇଡ ଓ ୟୁରିଆ ୨୦୦ ଗ୍ରାମ ମିଶାଇ ପ୍ରୋୟୋଗ କରନ୍ତୁ ଅଥବା ୧ ଲିଟର ପାଣିରେ ୧ ଗ୍ରାମ କାର୍ବେନ୍ଡାଜିମ ବ୍ୟବହାର କରନ୍ତୁ.

ମେଘୁଆ ପାଗ ସମୟରେ କେତେକ ଗଛରେ ବକରା ସଢା ରୋଗ ପରିଲକ୍ଷିତ ହୁଏ. ଏହାର ନିୟନ୍ତ୍ରଣ ପାଇ ମାନ୍କୋଜେବ ୭୫ ଡବ୍ଲୁ.ପି+ କ୍ଲୋରୋଥାଲୋନିଲ ୭୦ ଡବ୍ଲୁ.ପି. (୨ ଗ୍ରାମ ପ୍ରତି ଲିଟର), ଉନ୍ନତ ପରିଣାମ ପାଇ ୧୦୦ ଲିଟର ଫିମ୍ପିନାଶକ ଔଷଧରେ ୧୦ ଗ୍ରାମ ସେଲଭେଟ ୯୯ ଓ ୫୦ ମି.ଲି. ଟ୍ରିଟନ କୁ ମିଶାଇ ପ୍ରୟୋଗ କରନ୍ତୁ.

ଅଲ୍ଟର୍ନେରିଆ ପତ୍ର ପୋଡା ରୋଗର ନିୟନ୍ତ୍ରଣ ପାଇ ୧ ଲିଟର ପାଣିରେ ୨.୫ ଗ୍ରାମ ମେନ୍କୋଜେବ ଔଷଧ କୁ ମିଶାଇ ପ୍ରୟୋଗ କରନ୍ତୁ.

ମାଇରୋଥେସିୟମ ପତ୍ର ଦାଗ ରୋଗ ର ନିୟନ୍ତ୍ରଣ ପାଇ ୨୦୦ ରୁ ୨୫୦ ଲିଟର ପାଣି ରେ ସ୍ଟ୍ରେପ୍ଟୋମାଇସିନ (୧୫ ରୁ ୨୦ ଗ୍ରାମ ପ୍ରତି ହେକ୍ଟର) ଓ କପର–ଅକ୍ସିକ୍ଲୋରାଇଡ କୁ ମିସାଇ ପ୍ରୟୋଗ କରନ୍ତୁ.

## ଘାସ ପରିଚାଳନା:

୧. କପା ଲଗାଇବାର ୧ ରୁ ୨ ଦିନ ପରେ ୬ ମି.ଲି. ପେଣ୍ଡିମିଥାଲିନ(ଷ୍ଟମ୍ପ) ଔଷଧକୁ ୧ ଲିଟର ପାଣିରେ ମିଶାଇ ସିନ୍ଚନ କରନ୍ତୁ

୨. କିମ୍ବା କପା ଲଗାଇବାର ୨୦ ରୁ ୨୫ ଦିନ ପରେ ୫ ମି.ଲି. କ୍ୱିଜାଲୋଫୋପ ଇଥାଇଲ (ଟାର୍ଗାସୁପର) ଔଷଧକୁ ୧ ଲିଟର ପାଣିରେ ମିଶାଇ ସିନ୍ଚନ କରନ୍ତୁ.

୩. କିମ୍ବା କପା ଲଗାଇବାର ୨୦ ଦିନ ପରେ ଘାସ ବାଛି ହୁଡା ଦିଅନ୍ତୁ ଓ ୪୦ ରୁ ୫୦ ଦିନ ଭିତରେ ୫ ମି.ଲି. ଗ୍ଲାଇଫୋସେଟ ଔଷଧ କୁ ୧ ଲିଟର ପାଣିରେ ମିଶାଇ କେବଳ ଘାସ ଉପରେ ସିନ୍ଚନ କରନ୍ତୁ.

## ଜଳ ନିଷ୍କାସନ:

ଅତ୍ୟଧିକ ପାଣି କପା ଫସଲ ପାଇ ହାନିକାରକ ଅଟେ. ଦକ୍ଷିଣ ଓ ମଧ୍ଯ ଭାରତ ର କେତେକ ଅନ୍ଚଳରେ ଅତ୍ୟଧିକ ବର୍ଷା ଯୋଗୁ ଜଳ ନିଷ୍କାସନ ସମ୍ଭବ ହୋଇ ପାରେ ନାହି. କପା ଫସଲ ପାଇ ଗଭୀର ପଟୁ ବା କ୍ରୁଷ୍ଣକାର୍ପାସ ମାଟି ସର୍ବୋତ୍କ୍ରୁଷ୍ଟ ଖାଲୁଆ ଓ ଅଧିକ ପାଣି ଜମୁ ଥିବା ଅନ୍ଚଳ କପା ଚାଷ ପାଇ ଖତିକାରକ ଅଟେ. ଅଧିକ ପାଣି ଜମିରହୁଥିବା ଜମିରେ ଜଳ ନିଷ୍କାସନ ର ବ୍ୟବସ୍ଥା କରନ୍ତୁ. ଅଧିକ ବର୍ଷା (୭୦୦ ରୁ ୯୦୦ ମି.ମି.) ହେଉଥିବା ଆନ୍ଚଳରେ ମୃତ୍ତିକା ଓ ଜଳ ସନ୍ରକ୍ଷଣ ପାଇ ମନ୍ଦା ବା ପୁଟ କରି ଜମି ପ୍ରସ୍ତୁତ କରନ୍ତୁ, ପୁଟ ବା ମନ୍ଦା ପ୍ରଣାଳୀ ରେ କପା ବିହନ ଲଗାଇବା ଦ୍ୱାରା ଜମିରେ ଥିବା ଅତ୍ୟଧିକ ପାଣି ନିଷ୍କାସନ କରା ଯାଇପାରିବ. ଯଦି ଗଛ ହଳଦିଆ ଦେଖାଯାଏ ତା ହେଲେ ଉପଯୁକ୍ତ ସାର ବ୍ୟବହାର କରନ୍ତୁ. ଯଦି ବର୍ଷା ହେବାର ଆଶା ଦେଖାଯାଏ କୌଣସି ସାର ପ୍ରୟୋଗ କରନ୍ତୁ ନାହି ନଚେତ ବର୍ଷା ପାଣିରେ ସବୁତକ ସାର ଧୋଇ ହୋଇଯିବ.

ଅତ୍ୟଧିକ ଜଳ ଜମିବା ଦ୍ୱାରା ଯଦି କପା ଗଛ ପ୍ରଭାବିତ ହୁଏ ତା ହେଲେ ୦.୫ ରୁ ୧.୦ % ଡି.ଏ.ପି. ସାରକୁ ପ୍ରତି ସପ୍ତାହ ବ୍ୟବଧାନରେ ପତ୍ର ସିନ୍ଚନ କରନ୍ତୁ.

## ସାପ୍ତାହିକ ପାଣିପାଗ ସୁଚନା ସହାୟକ ଦଳ:

| ବୈଜ୍ଞାନିକ | ଠିକଣା |
| --- | --- |
| ଡ. କେ.ଆର.କ୍ରାନ୍ତି | ନିର୍ଦେଶକ,ସି.ଆଇ.ସି.ଆର.ନାଗପୁର |
| ଡ.ଏ.ଏଚ.ପ୍ରକାଶ | ମୁଖ୍ୟ ବୈଗ୍ୟାନିକ ଓ ମୁଖ୍ୟ,ସି.ଆଇ.ସି.ଆର. ଆନ୍ଚଳିକ କେନ୍ଦ୍ର,କୋଏମ୍ବାତୁର |

| | |
|---|---|
| ଡ. ଡି.ମୋନ୍ଗା | ମୁଖ୍ୟ ସି.ଆଇ.ସି.ଆର. ଆନ୍ଚଳିକ କେନ୍ଦ୍ର,ଶିରଶା |
| ଡ.ଏଚ.ବି.ସିନ୍ଗ | ଫସଲ ଉନ୍ନତ ବିଭାଗ,ସି.ଆଇ.ସି.ଆର.ନାଗପୁର. |
| ଡ.ସନ୍ଧ୍ୟା କ୍ରାନ୍ତି | ଫସଲ ସୁରଖା ବିଭାଗ,ସି.ଆଇ.ସି.ଆର.ନାଗପୁର. |
| ଡ.ବ୍ଲେଜ.ଡିସ୍ୟୁଜା | ଫସଲ ସୁରଖାବିଭାଗ,ସି.ଆଇ.ସି.ଆର.ନାଗପୁର. |
| ଡ.ଇଶାବେଲ ଅଗ୍ରୱାଲ | ମୁଖ୍ୟ ବୈଗ୍ୟାନିକ,ସି.ଆଇ.ସି.ଆର.କୋଏମ୍ବଟୁର. |
| ଶ୍ରୀ.ଏମ.ସବେଶ | ବୈଗ୍ୟାନିକ,ସି.ଆଇ.ସି.ଆର.କୋଏମ୍ବଟୁର. |

**ଭାରପ୍ରାପ୍ତ ବୈଜ୍ଞାନିକ, ସାପ୍ତାହିକ ପାଣିପାଗ ସୁଚନା, ଏ.ଆଇ.ସି.ଆର.ପି.କେନ୍ଦ୍ର:**

| ବୈଜ୍ଞାନିକ | ଠିକଣା | ଫୋନ ନମ୍ବର | ଇ–ମେଲ |
|---|---|---|---|
| ଡ. ପନ୍କଜ ରାଠୋର | ପନ୍ଜାବ କୃଷି ବିଶ୍ୱ ବିଦ୍ୟାଳୟ, ଫରିଦକୋଟ,ପନ୍ଜାବ | 09464051995 | pankaj@pau.edu |
| ଡ.ସୁନୀତ ପାଣ୍ଡେର | ପନ୍ଜାବ କୃଷି ବିଶ୍ୱ ବିଦ୍ୟାଳୟ, ଫରିଦକୋଟ,ପନ୍ଜାବ | 09814513681 | suneet@pau.edu |
| ଡ. ସନ୍ଜୀବ କୁମାର କଟାରିଆ | ପନ୍ଜାବ କୃଷି ବିଶ୍ୱ ବିଦ୍ୟାଳୟ,ଆର.ଆର.ଏସ.ଭଟିନ୍ଡା,ପନ୍ଜାବ | | k.sanjeev@pau.edu |
| ଡ. ଜଗଦିଶ ବେନିୱାଲ | ସି.ସି.ଏସ. ହରିୟଣା କୃଷି ବିଶ୍ୱ ବିଦ୍ୟାଳୟ,ହିସାର, ହରିୟଣା. | 09416325420 | jbeniwal2016@gmail.com |
| ଡ. ଋଷି କୁମାର | ସି.ଆଇ.ସି.ଆର.ଆନ୍ଚଳିକ କେନ୍ଦ୍ର,ସିରସା,ହରିୟଣା. | 09729106299 | rishipareek70@yahoo.co.in |
| ଡ.ରୁପ ସିନ୍ଘ ମୀନା | ସ୍ୱାମି କେସ୍ୱାନନ୍ଦ କୃଷି ବିଶ୍ୱ ବିଦ୍ୟାଳୟ,ଶ୍ରୀଗନ୍ଗନଗର, ରାଜସ୍ଥାନ | 09413024080 | rsmeenars@gmail.com |
| ଡ. ବି.ଏସ.ନାୟକ | ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ଭୁବନେଶ୍ୱର, ଓଡିଶା | 09437321675 | bsnayak2007@rediffmail.com |
| ଡ. ଗୋଫଲ୍ଡୁ | ନବସାରି ବିଶ୍ୱ ବିଦ୍ୟାଳୟ,ନବସାରି, ଗୁଜୁରାଟ | 09662532645 | girishfaldu@rediffmail.com |
| ଡ.ଏ.ଏନ.ପସ୍ଲୱର | ପନ୍ଜାବରାଓ ଦେଶମୁଖୀ କୃଷି ବିଦ୍ୟାପୀଠ,ଅକୋଲା, ମହାରାଷ୍ଟ୍ର | 09822220272 | adinathpaslawar@rediffmail.com |
| ଡ.ଆର୍ବୋନ୍ଦ ଡି.ପଣ୍ଡାଗ୍ଲେ | ମରାଠୱାଡା କୃଷି ବିଶ୍ୱ ବିଦ୍ୟାଳୟ,ମହାରାଷ୍ଟ୍ର | 07588581713 | arvindpandagale@yahoo.co.in |

| | | | |
|---|---|---|---|
| ଡ. ଶତୀଶ ପର୍ଶାଇ | ଆର.ଭି.ଏସ.କୃଷି ବିଶ୍ୱ ବିଦ୍ୟାଳୟ,ଗ୍ୱାଲିୟର, ମଧ୍ୟପ୍ରଦେଶ. | 09406677601 | aiccipkhandwa@gmail.com |
| ଡ.ଏସ.ଭାରତୀ | ଆଚାର୍ଯ୍ୟ ଏନ.ଗି.ରଙ୍ଗା.ବିଶ୍ୱ ବିଦ୍ୟାଳୟ, ଏଲ.ଏ.ଏମ,ଗୁନ୍ଟୁରୁ,ଆନ୍ଧ୍ର ପ୍ରଦେଶ. | 0949072341 | bharathi_says@yahoo.com |
| ଡ.ଅଲାଦାକଟ୍ଟି | କୃଷି ବିଜ୍ଞାନ ବିଶ୍ୱ ବିଦ୍ୟାଳୟ,ଧାରୱାଡ, କର୍ଣାଟକ. | 09448861040 | yraladakatti@rediffmail.com |
| ଡ.ଏମ.ୱାଇ.ଅଜୟ କୁମାର | କୃଷି ବିଜ୍ଞାନ ବିଶ୍ୱ ବିଦ୍ୟାଳୟ, ରାଇଚୁର, କର୍ଣାଟକ. | 09880398690 | dr.my.ajay@gmail.com |
| ଡ,ଏସ.ସୋମସୁନ୍ଦରମ | ତାମିଲନାଡୁ କୃଷି ବିଶ୍ୱ ବିଦ୍ୟାଳୟ, କୋଏମ୍ବତୋର,ତାମିଲନାଡୁ. | 09965948419 | rainfed@yahoo.com |
| ଡ. ଏମ.ଗୁଣସେଖରନ | ତାମିଲନାଡୁ କୃଷି ବିଶ୍ୱ ବିଦ୍ୟାଳୟ,ସି.ଆର.ଏସ.ଶ୍ରୀଭିଲ୍ଲିପୁଥୁର,ତାମିଲନାଡୁ. | 09443631359 | gunasekaran.pbg@gmail.com |

**ଭାରପ୍ରାପ୍ତ ବୈଜ୍ଞାନିକ ,ପାଣିପାଗ, ଏ.ଆଇ.ସି.ଆର.ପି.କେନ୍ଦ୍ର, ଭବାନିପାଟଣା:**

| | |
|---|---|
| ଡ. ବି.ଏସ.ନାୟକ | ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ଭୁବନେଶ୍ୱର, ଓଡିଶା |